# NATIONAL NEWS BULLETIN (ODIA)
## 24 February - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ସେବାତୀର୍ଥରେ ଅନୁଷ୍ଠିତ ହେଲା ପ୍ରଥମ କ୍ୟାବିନେଟ୍ ବୈଠକ ।

– ସେବାତୀର୍ଥକୁ ନାଗରିକ କୈନ୍ଦ୍ରିକ ତଥା ଉତ୍ତରଦାୟୀ ସୁଶାସନର ବିଶ୍ୱସ୍ତରୀୟ ପ୍ରତୀକ ରୂପେ ଗଢ଼ିତୋଳିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ କହିଲେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ।

- ଜୀବନ ବଞ୍ଚାଇବା ସହିତ ଏକ ସୁସ୍ଥ ଭାରତ ଗଠନ ସମ୍ପର୍କିତ ଜାତୀୟ ସ୍ତରୀୟ ଅଭିଯାନର ଆଜି ମହାରାଷ୍ଟ୍ରରେ ଶୁଭାରମ୍ଭ କଲେ ରାଷ୍ଟ୍ରପତି ।
- ଇସ୍ରାଏଲ୍‌କୁ ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

ଏବଂ

- ଟି-୨୦ କ୍ରିକେଟ ବିଶ୍ୱକପର ଆଜିକାର ମ୍ୟାଚ୍‌ରେ ଇଂଲଣ୍ଡ ବିପକ୍ଷରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ପାକିସ୍ତାନର ନିଷ୍ପତ୍ତି ।

# କ୍ୟାବିନେଟ୍

ସେବାତୀର୍ଥକୁ ନାଗରିକ କୈନ୍ଦ୍ରିକ ତଥା ଉତ୍ତରଦାୟୀ ସୁଶାସନର ପ୍ରତୀକ ରୂପେ ଏକ ବିଶ୍ୱସ୍ତରୀୟ ଉଦାହରଣ  ଭାବେ ଗଢ଼ିତୋଳିବା ଦିଗରେ କେନ୍ଦ୍ର କ୍ୟାବିନେଟ୍ ଆଜି ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସେବାତୀର୍ଥକୁ ସ୍ଥାନାନ୍ତରିତ ହେବା ପରେ ଆଜି ସେଠାରେ ଅନୁଷ୍ଠିତ ପ୍ରଥମ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକର ନିଷ୍ପତ୍ତି ସମ୍ପର୍କରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ, ସକ୍ଷମ ତଥା ଆତ୍ମନିର୍ଭର ଦେଶ ଭାବେ ଗଢ଼ିତୋଳିବା ଦିଗରେ ଜାତୀୟ ଆକାଂକ୍ଷାର ଏକ ସଶକ୍ତ କେନ୍ଦ୍ର ଭାବେ ସେବାତୀର୍ଥ କାର୍ଯ୍ୟ କରିବ । ସେଠାରେ ନିଆଯାଉଥିବା ପ୍ରତିଟି ନିଷ୍ପତ୍ତି ୧୪୦ କୋଟି ଭାରତୀୟଙ୍କ ସେବା ପ୍ରତି ସମର୍ପିତ ଏବଂ ପ୍ରତିଟି ନିଷ୍ପତ୍ତି 'ନାଗରିକ ଦେବୋ ଭବ' ଚିନ୍ତାଧାରାରେ ପ୍ରେରିତ ହେବା ସହିତ ଦେଶ ନିର୍ମାଣ ଦିଗରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି । ସେବାତୀର୍ଥର ନୂତନ ଶକ୍ତି ଏବଂ ରିଫର୍ମ ଏକ୍ସପ୍ରେସ୍‌ର ତ୍ୱରିତ ବେଗ ମାଧ୍ୟମରେ ଆଗାମୀ ଦିନରେ ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥ ବ୍ୟବସ୍ଥା

ରୂପେ ନିଜକୁ ପ୍ରତିପାଦିତ କରିପାରିବ ବୋଲି କ୍ୟାବିନେଟ୍ ଆଶାପ୍ରକାଶ କରିଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

## VO-1-ASHWINI-Development

ସେ କହିଛନ୍ତି, ଆଜି କେନ୍ଦ୍ର କ୍ୟାବିନେଟ୍‌ରେ କେରଳର ନାମ କେରଳମ୍ କରିବା ସମ୍ପର୍କିତ ଏକ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ସେ କହିଛନ୍ତି, ଏ ସମ୍ପର୍କିତ ବିଲ୍‌କୁ ରାଷ୍ଟ୍ରପତି କେରଳ ବିଧାନସଭାକୁ ପଠାଇବେ । ରାଜ୍ୟ ବିଧାନସଭାର ଏ ସମ୍ପର୍କିତ ମତାମତ ପାଇବା ପରେ କେନ୍ଦ୍ର ସରକାର ଏ ଦିଗରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରିବେ । ରାଜ୍ୟ ବିଧାନସଭାରେ ୨୦୨୪ ଜୁନ୍ ୨୪ ତାରିଖରେ କେରଳର ନାମ ପରବର୍ତ୍ତିତ ସମ୍ପର୍କିତ ଏକ ସଂକଳ୍ପ ପାରିତ ହୋଇଥିଲା ବୋଲି ସେ କହିଛନ୍ତି ।

## VO-2-ASHWINI--KERALAM

ଶ୍ରୀ ବୈଷ୍ଣବ କହିଛନ୍ତି, ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ଆଜି ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ବିହାର ଓ ଝାଡ଼ଖଣ୍ଡର ୮ଟି ଜିଲ୍ଲାକୁ ସଂଯୋଗ କରୁଥିବା ତିନୋଟି ମଲ୍ଟି ଟ୍ରାକିଂ ରେଳ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରିଛନ୍ତି । ୨୦୩୦-୩୧ ଆର୍ଥିକ ବର୍ଷ ସୁଦ୍ଧା ଶେଷ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ଲାଗି ୯ ହଜାର ୭୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସେଗୁଡ଼ିକ ମଧ୍ୟରେ ଗୋନ୍ଦିଆ-ଜବଲପୁର ରେଳ

ଲାଇନ୍‌ର ଦୋହରିକରଣ, ବିହାରର ପୁନାରାଖ ଏବଂ କ୍ୟୁଲ୍ ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ୍ ସଂଯୋଗୀକରଣ ଏବଂ ଝାଡ଼ଖଣ୍ଡର ଗାହ୍ମାରିଆ ଓ ଚାନ୍ଦିଲ୍ ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ୍ ନିର୍ମାଣ ଅନ୍ତର୍ଭୁକ୍ତ । ଏହାଦ୍ୱାରା ଭାରତୀୟ ରେଳବାଇର ବର୍ତ୍ତମାନର ନେଟ୍‌ୱାର୍କ ଆଉ ୩୦୭ କିଲୋମିଟର ବୃଦ୍ଧି ପାଇବ ବୋଲି ସେ କହିଛନ୍ତି ।

ଶ୍ରୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍ ଆଜି ଶ୍ରୀନଗର ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ଏକ ସିଭିଲ୍ ଏନ୍‌କ୍ଲେଭ୍‌ର ବିକାଶ ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ୧ହଜାର ୬୭୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା କାଶ୍ମୀର ଉପତ୍ୟକାକୁ ସଂଯୋଗୀକରଣ ଏବଂ ବେସାମରିକ ବିମାନ ଚଳାଚଳ ଭିତ୍ତିଭୂମିକୁ ଅଧିକ ସଶକ୍ତ କରାଯାଇପାରିବ ବୋଲି ସେ କହିଛନ୍ତି ।

## VO-3-ASHWINI--SRINAGAR

ଶ୍ରୀ ବୈଷ୍ଣବ କହିଛନ୍ତି, ଗୁଜରାଟରେ ବର୍ତ୍ତମାନର ଉତ୍ତର-ଦକ୍ଷିଣ କରିଡ଼ରକୁ ଗିଫ୍ଟ ସିଟିରୁ ମେଟ୍ରୋ ରେଳ ନିଗମ ଲିମିଟେଡ୍‌ର ଶାହାପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଅନ୍ୟ ଏକ ପ୍ରସ୍ତାବ ମଧ୍ୟ ଆଜି କ୍ୟାବିନେଟ୍‌ରେ ଅନୁମୋଦିତ ହୋଇଛି । ୩ ଦଶମିକ୍ ୩/୩ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସମ୍ପ୍ରସାରିତ ପଥରେ ତିନୋଟି ଷ୍ଟେସନ୍ ସ୍ଥାପନ କରାଯିବ । ପ୍ରାୟ ୪

ବର୍ଷ ମଧ୍ୟରେ ଶେଷ ହେବାକୁ ଥିବା ଏହି ପ୍ରକଳ୍ପ ଲାଗି ୧ ହଜାର ୬୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ କହିଛନ୍ତି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଆଜି କେନ୍ଦ୍ର କ୍ୟାବିନେଟ୍ ୨୦୨୬-୨୭ ବିପଣନ ଋତୁ ଲାଗି କଞ୍ଚା ଝୋଟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ଏହି ଋତୁ ଲାଗି ଟି.ଡି.ଥ୍ରୀ ଗ୍ରେଡ୍‌ର କଞ୍ଚା ଝୋଟର କ୍ୱିଣ୍ଟାଲ୍ ପିଛା ମୂଲ୍ୟ ୫ ହଜାର ୯୨୫ ଟଙ୍କା ଧାର୍ଯ୍ୟ କରାଯାଇଛି । ୨୦୨୫-୨୬ ଋତୁଠାରୁ ଏହି ଋତୁ ଲାଗି ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୨୭୫ ଟଙ୍କା ବୃଦ୍ଧି କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ପ୍ରେଜ୍-ମହାରାଷ୍ଟ୍ର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମହାରାଷ୍ଟ୍ରରେ ଜୀବନ ବଞ୍ଚାଇବା ସହିତ ଏକ ସୁସ୍ଥ ଭାରତ ଗଠନ ସମ୍ପର୍କିତ ଜାତୀୟ ସ୍ତରୀୟ ଅଭିଯାନର ଶୁଭାରମ୍ଭ କରିଛନ୍ତି । ସ୍ଥାନୀୟ ଲୋକ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଯୋଗଦେଇ ରାଷ୍ଟ୍ରପତି ଏହାର ଶୁଭାରମ୍ଭ କରି କହିଛନ୍ତି, ଦେଶବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହିତ ଏକ ସୁସ୍ଥ ଭାରତ ଗଠନ ଲାଗି ସରକାର ଦେଶବ୍ୟାପୀ ଆୟୁଷ୍ମାନ୍ ଭାରତ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି ଯୋଜନାରେ ୧୨ କୋଟି ପରିବାର ଉପକୃତ ହୋଇଛନ୍ତି । ଜନସାଧାରଣଙ୍କୁ ନିଜ ସହର ବା ଗ୍ରାମ

ନିକଟରେ ସ୍ୱାସ୍ଥ୍ୟସେବା ସହଜରେ ଉପଲବ୍ଧ କରାଇବା ଲାଗି ସରକାର ଏହି ଯୋଜନା ଅଧୀନରେ ଏକ ଲକ୍ଷ ୮୦ ହଜାର ଆୟୁଷ୍ମାନ୍ ମନ୍ଦିର ପ୍ରତିଷ୍ଠା କରିଛନ୍ତି ବୋଲି ରାଷ୍ଟ୍ରପତି ମୁର୍ମୁ ମତବ୍ୟକ୍ତ କରିଛନ୍ତି ।

**VO- 1--DRAUPADI-MURMU-ON-AYUSHMAN**

ଆସନ୍ତାକାଲି ରାଷ୍ଟ୍ରପତି ବୁଲଧାନା ଜିଲ୍ଲାର ସେଗାଓଁଠାରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଜାତୀୟ ଆରୋଗ୍ୟ ମେଳା ୨୦୨୬ର ଉଦ୍‌ଘାଟନ କରିବେ । ପରେ ସେ ନାଗପୁରଠାରେ ପ୍ରଜାପିତା ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଦୁଇଦିନିଆ ମହାରାଷ୍ଟ୍ର ଗସ୍ତରେ ଯାଇ ଆଜି ଅପରାହ୍ଣରେ ରାଷ୍ଟ୍ରପତି ମୁମ୍ବାଇରେ ପହଞ୍ଚିବା ପରେ ବିମାନ ବନ୍ଦରଠାରେ ତାଙ୍କୁ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍‌ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱାଗତ କରିଥିଲେ ।

ରାଷ୍ଟ୍ରପତି ଆଜିଠାରୁ ମହାରାଷ୍ଟ୍ର, ଝାଡ଼ଖଣ୍ଡ ଓ ରାଜସ୍ଥାନକୁ ୪ ଦିନିଆ ଗସ୍ତରେ ଯାଇଛନ୍ତି ।

# ପିଏମ୍-ଇସ୍ରାଏଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଦୁଇଦିନିଆ ଇସ୍ରାଏଲ୍ ଗସ୍ତରେ ଯିବେ । ଏହା ହେବ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର

ଦ୍ୱିତୀୟ ଇସ୍ରାଏଲ୍ ଗସ୍ତ । ଏହି ଅବସରରେ ସେ ତାଙ୍କର ଇସ୍ରାଏଲ୍ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହିତ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗରେ ଆଲୋଚନା କରିବେ । ଉଭୟ ନେତା ଭାରତ-ଇସ୍ରାଏଲ୍ ରଣନୈତିକ ଭାଗିଦାରିର ଉଲ୍ଲେଖନୀୟ ପ୍ରଗତିର ସମୀକ୍ଷା କରିବା  ସହିତ ବିଜ୍ଞାନ ଓ କାରିଗରି କୌଶଳ, ନବସୃଜନତା, ପ୍ରତିରକ୍ଷା, ନିରାପତ୍ତା, କୃଷି, ଜଳ ପରିଚାଳନା, ବାଣିଜ୍ୟ ଓ ଅର୍ଥନୀତି ଏବଂ ଜନସମ୍ପର୍କ ସମେତ ବିଭିନ୍ନ ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଆଲୋଚନା କରିବେ । ଏତଦ୍‌ବ୍ୟତୀତ ଶ୍ରୀ ମୋଦୀ ଇସ୍ରାଏଲ୍‌ର ରାଷ୍ଟ୍ରପତି ଆଇଜାକ୍ ହେର୍‌ଜଗ୍‌ଙ୍କ ସହିତ ମଧ୍ୟ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଦ୍ୱାରା ଭାରତ-ଇସ୍ରାଏଲ୍ ମଧ୍ୟରେ ଥିବା ବହୁଦିନର ରଣନୈତିକ ଭାଗିଦାରୀ ଅଧିକ ସଶକ୍ତ ହେବା ସହିତ ଏହି ଦୁଇ ଗଣତାନ୍ତ୍ରିକ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ସୁଦୃଢ଼ ହୋଇପାରିବ ।

## ତେଲଙ୍ଗାନା-ମାଓଇଷ୍ଟ

ହାଇଦ୍ରାବାଦ୍‌ଠାରେ ଆଜି ଚାରି ଜଣ ମାଓ ନେତା ତେଲଙ୍ଗାନାର ପୋଲିସ୍ ମହାନିର୍ଦ୍ଦେଶକ ବି. ଶିବଧର ରେଡ୍ଡୀଙ୍କ ନିକଟରେ ଆତ୍ମ-ସମର୍ପଣ କରିଛନ୍ତି । ଏମାନଙ୍କର ଆତ୍ମସମର୍ପଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ମାଓବାଦୀ ଦଳକୁ ଏକ ଶକ୍ତ ଧକ୍କା ଲାଗିଛି ବୋଲି ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ରେଡ୍ଡୀ କହିଛନ୍ତି । ସେ କହିଛନ୍ତି, ରାଜ୍ୟରେ ସକ୍ରିୟ ଥିବା ୫୯୧ ଜଣ ମାଓବାଦୀଙ୍କ ମଧ୍ୟରୁ ୧୧ ଜଣଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଆତ୍ମସମର୍ପଣ କରିଛନ୍ତି । ଆଜି ଆତ୍ମସମର୍ପଣ କରିଥିବା ପ୍ରତି ମାଓ ନେତାଙ୍କୁ ଶ୍ରୀ ରେଡ୍ଡୀ ୨୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି ।

## ୱାର୍ଲ୍ଡକପ୍-କ୍ରିକେଟ୍

ଆଇସିସି ପୁରୁଷ ଟି-୨୦ କ୍ରିକେଟ ବିଶ୍ୱକପର ଆଜିକାର ମ୍ୟାଚ୍‌ରେ ଇଂଲଣ୍ଡ ବିପକ୍ଷରେ ପାକିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ଶ୍ରୀଲଙ୍କାର ପାଲେକେଲ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ସୁପର୍-ଏଇଟ୍ ଗ୍ରୁପ୍-ଟୁ'ର ଆଜିକାର ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହୋଇଛି ।

ଆସନ୍ତା ୨୬ ତାରିଖ ଗୁରୁବାର ଦିନ ଭାରତ ସୁପର୍-ଏଇଟ୍ ପର୍ଯ୍ୟାୟରେ ଜିମ୍ବାୱ୍ୱେକୁ ଭେଟିବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯିବ ।